

text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ



# ଗାନ୍ଧୀ ଓ ଗଡ୍‌ସେ

କେଇଦିନ ତଳେ ରାଜନୀତିରେ ସକ୍ରିୟ ଥିବା ଜଣେ ବନ୍ଧୁ ଫୋନ୍ କରିଥିଲେ । କହିଲେ, ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍‌ର ବଡଘୁମୁରି ପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ଅକ୍ଟୋବର ୨ ତାରିଖ ଦିନ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ (ଅକ୍ଟୋବର ୯ ତାରିଖ ରାତିରେ) ନଷ୍ଟ କରି ଦେଇଛି । ପ୍ରତିମୂର୍ତ୍ତିର ମୁଣ୍ଡକାଟ କରିବା ସହିତ ବିଦ୍ୟାଳୟ ପରିସରରେ ଲଗାଯାଇଥିବା ଫୁଲବଗିଚାକୁ ମଧ୍ୟ ନଷ୍ଟ କରି ଦିଆଯାଇଛି । ୧୦ ତାରିଖ ଦିନ ସ୍କୁଲ ଖୋଲା ହେବା ପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ପିଲାମାନେ ସେଦିନ ମଧ୍ୟାହ୍ନଭୋଜନ ବର୍ଜନ କରିବା ସହିତ ସ୍କୁଲ ଆଗରେ ଧାରଣା ଦେଇଥିଲେ । ବନ୍ଧୁ ଜଣାଇଥିଲେ ଯେ ମାମଲାରେ ଏତଲା ଦାଏର ସତ୍ତ୍ୱେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଜିଲ୍ଲା ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରିନାହାନ୍ତି । ଯେତେବେଳେ ଗାନ୍ଧୀଙ୍କ ଜନ୍ମଦିନକୁ ଜାତିସଂଘ ଆନୁକୂଲ୍ୟରେ ୧୯୨ଟି ଦେଶରେ 'ଆନ୍ତର୍ଜାତିକ ଅହିଂସା ଦିବସ' ରୂପେ ପାଳନ କରାଯାଉଛି, ସେତେବେଳେ ଭାରତ ମାଟିରେ ତାଙ୍କ ପ୍ରତିମୂର୍ତ୍ତିର ମୁଣ୍ଡକାଟ ଅତ୍ୟନ୍ତ ଦୁଃଖର ବିଷୟ ।

ପାଠକେ, ଠିକ୍ ବର୍ଷକ ତଳେ ଅଖିଳ ଭାରତ ହିନ୍ଦୁ ମହାସଭା ଗାନ୍ଧୀଙ୍କ ଆତତାୟୀ ନାଥୁରାମ ଗଡ୍‌ସେର ପ୍ରତିମୂର୍ତ୍ତି ଦେଶର ବିଭିନ୍ନ ଅଞ୍ଚଳରେ ସ୍ଥାପନ କରିବା ପାଇଁ ଚେଷ୍ଟା କରି ସଫଳ ହୋଇପାରିନଥିଲେ । ମହାସଭାର ଜାତୀୟ ଅଧ୍ୟକ୍ଷ ସେତେବେଳେ ବୟାନ ଦେଇଥିଲେ, 'ସେମାନେ ଭାରତ ସରକାରଙ୍କୁ ଚିଠି ଲେଖିବେ ଯେ ଶହୀଦ ନାଥୁରାମଙ୍କ ପ୍ରତିମୂର୍ତ୍ତି ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ ପାଇଁ ସ୍ଥାନ ଦିଆଯାଉ ଏବଂ ଅନୁମତି ମିଳୁ ।' ସେ ଏକଥା ମଧ୍ୟ କହିଥିଲେ ଯେ 'ଯଦି ସରକାର ଏଥିପାଇଁ ସୁବିଧା ନ ଦିଅନ୍ତି, ତେବେ ଦେଶରେ ଥିବା ୧୭/୧୮ଟି ହିନ୍ଦୁ ମହାସଭା ଭବନରେ ନାଥୁରାମଙ୍କ

ପ୍ରତିମୂର୍ତ୍ତି ସ୍ଥାପନ କରାଯିବ' । ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀ କୁଆଡେ ଏକ ଗୌଣ ଭୂମିକା ତୁଲେଇଥିଲେ, କିନ୍ତୁ 'ଗଡ୍‌ସେ ଯିଏ କି ଦେଶଭକ୍ତ ସେ ଜୀବନ ଦେଇଥିଲେ । ବିଗତ ୬୫ ବର୍ଷ ଧରି କଂଗ୍ରେସ ହିଁ ନାଥୁରାମଙ୍କ ଐତିହାସିକ ଭୂମିକାକୁ ଅଣଦେଖା କରିଛି, ଯାହାକୁ ଆଉ ବରଦାସ୍ତ କରାଯିବ ନାହିଁ' । ଏବର୍ଷ ନଭେମ୍ବର ୧୫କୁ ହିନ୍ଦୁ ମହାସଭା ପାଳନ କରିଛି ବଳିଦାନ ଦିବସ/ସୌର୍ଯ୍ୟ ଦିବସ ଭାବରେ (ଯେଉଁଦିନ ନାଥୁରାମଙ୍କୁ ଫାଶୀ ଦିଆଯାଇଥିଲା) । ସେଦିନ ଗଡ୍‌ସେଙ୍କ ସମ୍ପର୍କରେ ଏକ ୱେବସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଛି । ଗଡ୍‌ସେ କୁଆଡେ ଆମେ ଭୁଲିଯାଇଥିବା ଏକ ନାୟକ ଏବଂ ଲୋକେ ତାଙ୍କ ବିଷୟରେ ଜାଣିବା ଦରକାର । ଏଇ ମର୍ମରେ ବିବୃତି ରଖିଛନ୍ତି ବିଶ୍ୱ ହିନ୍ଦୁପୀଠର ଅଧ୍ୟକ୍ଷ । ସେ କହିଛନ୍ତି ଯେ, 'ଭାରତର ବିଭାଜନ ଯୋଗୁଁ ହିଁ ଗଡ୍‌ସେ ଗାନ୍ଧୀଙ୍କୁ ଦାୟୀ କରି ହତ୍ୟା କରିଥିଲେ । ଗାନ୍ଧୀ ବଞ୍ଚିଥିଲେ ଭାରତର ପୁନଃ ବିଭାଜନ ହୁଏତ ହୋଇଥାନ୍ତା' । ସେ ପୁଣି କହିଛନ୍ତି, 'ଆମେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବୁ, ସ୍କୁଲରେ ପିଲାମାନେ ପଢୁଥିବା ଜୀବନୀରେ ଗଡ୍‌ସେଙ୍କ ଜୀବନୀ ସ୍ଥାନ ପାଇବ ଏବଂ ଭାରତ ଏକ ହିନ୍ଦୁରାଷ୍ଟ୍ରରେ ପରିଣତ ହେବ' । ପ୍ରକାଶିତ ଖବରରୁ ଜଣାପଡିଛି, ଉନ୍ମୋଚିତ ହୋଇଥିବା ନାଥୁରାମଙ୍କ ୱେବସାଇଟ୍‌ରେ ଦୁଇଟି ପୁସ୍ତକର ସ୍କାନିଂ/ଫଟୋ କପି ସ୍ଥାନିତ ହେବ - ନାଥୁରାମଙ୍କ 'ହ୍ୱାଇ ଆଇ କିଲ୍ଡ ଗାନ୍ଧୀ' ଏବଂ ଗୋପାଳ ଗଡ୍‌ସେଙ୍କ 'ଗାନ୍ଧୀବଧ ଔର ମୈଁ' ।

ପାଠକେ, ଏକଥା ନୁହେଁ ଯେ ଗାନ୍ଧୀଙ୍କ ନିନ୍ଦୁକମାନେ ଆଗରୁ ନଥିଲେ, ତେବେ କେବଳ ବୁଦ୍ଧିଜୀବୀ ନୁହେଁ, ସାଧାରଣ ମତ ଯେ ମୋଦି ସରକାର ଅମଳରେ ଅସହିଷ୍ଣୁତା ବଢ଼ିବା ସହିତ ନାଥୁରାମଙ୍କ ପରି ଚରିତ୍ରର ଅଭାବନୀୟ ଗୁଣକୀର୍ତ୍ତନ ଓ ନେତାମାନଙ୍କର ଲଗାମ ନଥିବା ବୟାନ ବଢ଼ିବଢ଼ି ଚାଲିଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ମାର୍ଗଦର୍ଶକ ଏମ୍‌ଜି ବୈଦ୍ୟ ହିନ୍ଦୁ ମହାସଭା, ହିନ୍ଦୁସେନା ଏବଂ ମହାରାଣା ପ୍ରତାପ ବାଟାଲିଅନ୍‌ର ଅଜବ ନାଥୁରାମ ପ୍ରୀତିକୁ ଯଦିଓ ନାପସନ୍ଦ କରିଛନ୍ତି ଏବଂ ଗାନ୍ଧୀଙ୍କ ହତ୍ୟାକୁ ଅକ୍ଷମଣୀୟ ଅପରାଧ ବୋଲି ସ୍ୱୀକାର କରିଛନ୍ତି, ତଥାପି ପରିସ୍ଥିତିରେ ଇପ୍‌ସିତ ସୁଧାର ଆସିନାହିଁ । ବିଜେପି ଏସବୁ କାଣ୍ଡଠାରୁ ସରକାରୀ ଭାବେ ନିଜକୁ ଦୂରେଇ ରଖିଛି, ତେବେ ଏକଥା ସମସ୍ତେ କାହିଁକି ବିଶ୍ୱାସ କରିପାରୁ ନାହାନ୍ତି । ୨୦୧୪ରେ ଭାଜପାର ବିପୁଳ ବିଜୟ ପରେ ହିନ୍ଦୁ ମହାସଭା ଗଡ୍‌ସେଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅଣ୍ଟା ଭିଡିଥିଲା । ନାଥୁରାମଙ୍କ ସମ୍ପର୍କରେ ଏକ ବୃତ୍ତଚିତ୍ର ମଧ୍ୟ ନିର୍ମାଣ ସରିଥିଲା । ଏବେ ଗଡ୍‌ସେଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି ଯେ 'ଆତ୍ମକୈନ୍ଦ୍ରିକ ଏବଂ ଭୀରୁ

ରାଜନେତାଙ୍କ ଦ୍ୱାରା ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଜାଣିଜାଣି ଲୁଚେଇ ରଖାଯାଇଛି । ତେବେ ସେଦିନ ଆସିଯାଇଛି ଏବଂ ସତ୍ୟକୁ ଆଉ ଲୁଚେଇ ହେବ ନାହିଁ । ତାହା ଲୋକଙ୍କ ସାମ୍ନାକୁ ଆସିବ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ନେଇ ଏ ଯାବତ୍ ରହିଥିବା ଭ୍ରାନ୍ତ ଧାରଣା ନାଟକୀୟ ଭାବରେ ବଦଳିଯିବ । 'ଅଖଣ୍ଡ ହିନ୍ଦୁସ୍ତାନ ଅମର ରହେ, ବନ୍ଦେ ମାତରଂ' । ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ସାଧାରଣ ସଚିବ କହିଛନ୍ତି, 'ସ୍ୱାଧୀନତା ସଂଗ୍ରାମର ଅସଲ ନାୟକ ଗଡ୍‌ସେ ବୋଲି ଆମେ ବରାବର କହୁଛୁ । ସୁଯୋଗ ଥିଲେ ଭାରତର ବିଭାଜନକୁ ସେ ରୋକି ପାରିଥାନ୍ତେ, ଯାହା କରାଇ ଦିଆଗଲା ନାହିଁ । ଗାନ୍ଧୀଙ୍କୁ ହତ୍ୟାକରି ଗଡ୍‌ସେ ଆମପ୍ରତି ପ୍ରକୃତରେ ଅନୁଗ୍ରହ ହିଁ କରିଛନ୍ତି' । ଅନ୍ୟପକ୍ଷରେ, ନଭେମ୍ବର ୧୫ ଦିନ କଂଗ୍ରେସ କର୍ମୀମାନେ ଥାନେରେ ଗଡ୍‌ସେଙ୍କ ପୁତ୍ତଳିକା ଦାହ କରିଛନ୍ତି ।

ପାଠକେ, ୨୦୧୩ରେ 'ଫ୍ରଣ୍ଟଲାଇନ୍'ରେ ପ୍ରକାଶିତ ଏକ ଲେଖାରେ ଏ.ଜି.ନୁରାନୀ ସ୍ପଷ୍ଟ କରିଥିଲେ ଯେ ଅନେକ ବର୍ଷ ଧରି ଉଭୟ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନାଥୁରାମଙ୍କ ପ୍ରସଙ୍ଗ ଉଠିଲେ ସ୍ପର୍ଶକାତର ହୋଇଉଠନ୍ତି । ଗାନ୍ଧୀଙ୍କୁ ହତ୍ୟା କରିବା ସମୟରେ ନାଥୁରାମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ ଥିଲେ ନା ନାହିଁ, ତାହା ନିର୍ଭୁଲ ଭାବରେ ପ୍ରମାଣିତ ହୋଇପାରିନାହିଁ । ତେବେ ଗଡ୍‌ସେଙ୍କ ତଥାକଥିତ ଅଖଣ୍ଡ ହିନ୍ଦୁତ୍ୱ ପ୍ରୀତିକୁ ଏମାନେ ଅସ୍ୱୀକାର ମଧ୍ୟ କରିପାରିବେ ନାହିଁ । ସ୍ୱୟଂ ସେବକ ସଂଘ ସହିତ ନାଥୁରାମ ଅସମ୍ପୃକ୍ତ ଥିଲେ ଏବଂ ସଂଘ ଗାନ୍ଧୀଙ୍କୁ ବିରୋଧ କରୁନଥିଲା , ଏ ସମ୍ପର୍କରେ ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ ଭାରତ କେମିତି ସ୍ୱାଧୀନତା ପାଇବ, ଏଥିପାଇଁ ମାର୍ଗ କ'ଣ ହେବ ସେ ନେଇ ସଂଘର ମତାନୈକ୍ୟ ହୁଏତ ଥିଲା, ମାତ୍ର ସଂଘର ସମ୍ମାନ ଓ ଶ୍ରଦ୍ଧା ଗାନ୍ଧୀଙ୍କ ପ୍ରତି ସଦା ଅତୁଟ ଥିଲା । ତେବେ ଅନେକଙ୍କ ମତରେ ଏହା ବିଶୁଦ୍ଧ ସତ୍ୟ ନୁହେଁ । ୧୧ ଜାନୁଆରୀ ୧୯୭୦ରେ ସଂଘର ମୁଖପତ୍ର (ଅର୍ଗାନାଇଜର) ସମ୍ପାଦକୀୟରେ ପ୍ରକାଶ ପାଇଥିଲା ଯେ ନେହେରୁଙ୍କ ପାକିସ୍ତାନ ପ୍ରୀତି ପାଇଁ ଗାନ୍ଧୀ ଆମରଣ ଅନଶନରେ ବସିଥିଲେ ଏବଂ ତାହାହିଁ ଲୋକମାନଙ୍କ କ୍ରୋଧର କାରଣ ପାଲଟିଲା । ଶ୍ରୀ ନୁରାନୀ ଦର୍ଶାଇଛନ୍ତି ଯେ ୧୯୬୧ରେ ଦୀନ ଦୟାଲ ଉପାଧ୍ୟାୟ ଗାନ୍ଧୀଙ୍କୁ 'ଜାତିର ପିତା' ମାନିବା ପାଇଁ ମନା କରିଦେଇଥିଲେ । ମଜା କଥା ହେଉଛି, ନାଥୁରାମ ସଂଘରେ ଆଦୌ ନଥିଲେ ବୋଲି କର୍ମକର୍ତ୍ତାଙ୍କ ଢେର୍ ବୟାନ ବାଦ୍ ଗୋପାଳ ଗଡ୍‌ସେ (ନାଥୁରାମଙ୍କ ଭାଇ) ଲେଖିଛନ୍ତି, 'ସେମାନେ ଉଭୟ ସଂଘରେ ଥିଲେ ଏବଂ ସଂଘ

ହିଁ ପ୍ରକୃତରେ ସେମାନଙ୍କ ପରିବାର ଥିଲା' । (ନାଥୁରାମ ସଂଘର ବୌଦ୍ଧିକ କାର୍ଯ୍ୟାବହ ଥିଲେ) । ଶ୍ରୀ ନୁରାନୀ ତାଙ୍କ ଲେଖାରେ 'ଗାନ୍ଧୀ ଏବଂ ଗଡ୍‌ସେ' ଶିରୋନାମାରେ ପ୍ରକାଶିତ ଏକ ବହିର ଉଲ୍ଲେଖ କରିଛନ୍ତି ଯାହାର ମୁଖବନ୍ଧରେ ଉଲ୍ଲେଖ ରହିଛି ଯେ 'ନାଥୁରାମ ଏକ ଧର୍ମନିରପେକ୍ଷ ଜାତୀୟବାଦୀ ନେତା ଥିଲେ । ଗାନ୍ଧୀଙ୍କ ଆତତାୟୀର ବିକୃତ ମସ୍ତିଷ୍କ ନଥିଲା, ବରଂ ସେ ଜଣେ ବୁଦ୍ଧିମାନ ଲୋକ ଥିଲା, ଯିଏ ଗାନ୍ଧୀଙ୍କ ହତ୍ୟା ପାଇଁ ପ୍ରସ୍ତୁତ ହୋଇପାରିଲା ଏବଂ ଗାନ୍ଧୀଙ୍କ ମୃତ୍ୟୁହିଁ ଭାରତୀୟ ଜନସଂଘ (୧୯୫୧-୭୬) ପ୍ରତିଷ୍ଠା ପାଇଁ ମୂଳଦୁଆ ପକେଇଥିଲା ।'

ପାଠକେ, ଦେଶରେ ନାରଙ୍ଗୀ ସଂଗଠନମାନଙ୍କର ନାଥୁରାମ ପ୍ରୀତି ହୁଏତ ଅଧିକ ଥାଇପାରେ, କିନ୍ତୁ ନିରାଟ ସତ କଥା ହେଉଛି,ଯେଉଁ ମାନସିକତା ଗାନ୍ଧୀଙ୍କୁ ହତ୍ୟା କଲାବେଳେ ଉପସ୍ଥିତ ଥିଲା ଆଜି ବି ତାହା ଆମ ବାତାବରଣରେ, ଗଣଚେତନାରେ ଅପରିବର୍ତ୍ତିତ ରହିଛି । ଏହା ସତ ଯେ ଗାନ୍ଧୀ ଏକା ଏକା ସ୍ୱାଧୀନତା ଆଣିନଥିଲେ, ସତ୍ୟ ଓ ଅହିଂସା ଉପରେ ମହାତ୍ମାଙ୍କର ପେଟେଣ୍ଟ ନଥିଲା; ଏକଥା ନୁହେଁ ଯେ ନାଥୁରାମ ଏକାବେଳକେ ବିକୃତ ମସ୍ତିଷ୍କର ଥିଲେ ବା ତାଙ୍କର କିଛି ଆଦର୍ଶ ନଥିଲା । ତେବେ ଗାନ୍ଧୀଙ୍କ ହତ୍ୟାକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ଯେତେ ଅପବାଦ ଆଣିଲେ ବି ଖୁବ୍ ବେଶୀ ଗାନ୍ଧୀ ନିନ୍ଦୁକ ତିଆରି ହୋଇପାରିବେ ନାହିଁ । ହଁ, ଅନଶନ ଆରମ୍ଭ କରି ଗାନ୍ଧୀଜୀ ଅନ୍ୟମାନଙ୍କ ଉପରେ ପ୍ରବଳ ମାନସିକ ଚାପ ପକାଉଥିଲେ । କିନ୍ତୁ ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ସଂଳାପରେ, ମୀମାଂସାରେ ଭରସା ଥିଲା ଯାହା ମୌଳବାଦୀମାନଙ୍କର ନାହିଁ । ଗାନ୍ଧୀ ଯେ ସତରେ ବିଭାଜନକୁ ବନ୍ଦ କରିବା ପାଇଁ ଚାହୁଁନଥିଲେ ଏବଂ ସେ ବଞ୍ଚି ରହିଥିଲେ ଅଧିକ ବିଭାଜନ ହୋଇଥାନ୍ତା- ଏମିତି ଯୁକ୍ତିର ଠୋସ୍ ପ୍ରାମାଣିକ ଆଧାର ମଧ୍ୟ ନାହିଁ । ଏତେ ଲୋକଙ୍କୁ ଏତେ ସରଳ ଓ ସହଜ ଭାବରେ ଗାନ୍ଧୀ କେମିତି ବାନ୍ଧି ରଖିଥିଲେ, ଏହା ଏବେ ବି ବିସ୍ମୟ ହୋଇରହିଛି । ପଦପଦବୀର ଲାଳସା ତ ତାଙ୍କର ନଥିଲା, ପାଖରେ ଧନସମ୍ପଦ ନଥିଲା; କାହାର ଦୁଃଖ ସେ ଦେଖି ପାରୁନଥିଲେ ଏବଂ ହାତହତିଆରରେ ଇଂରେଜଙ୍କୁ ଜିଣିବା ସମ୍ଭବ ନୁହେଁ ଜାଣି ସ୍ୱାଧୀନତା ପାଇଁ ଅହିଂସାକୁ ସେ ଆପଣେଇଥିଲେ- ଯଦି ଏସବୁ ଗାନ୍ଧୀଙ୍କ ଦେଶପ୍ରେମ ନଥିଲା, ନିଷ୍ଠା ନଥିଲା, ତେବେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି କବନ୍ଧରେ ପରିଣତ ହେବାରେ ଅସ୍ୱାଭାବିକତା କେଉଁଠି ? ପାଠକେ, ନିକଟରେ ଲଣ୍ଡନ ଗସ୍ତ ସମୟରେ ବ୍ରିଟିଶ୍ ପାର୍ଲିଆମେଣ୍ଟ ଆଗରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଚାହିଁ ମୋଦି କହିଛନ୍ତି ଯେ 'ଏଇ ପ୍ରତିମୂର୍ତ୍ତି ପ୍ରତ୍ୟେକ ଭାରତୀୟ ପାଇଁ ଗର୍ବ ଓ ଗୌରବ' ।

o (ପ୍ରମେୟ, ତା: ୮/୧୨/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢ଼ିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ଼ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction
Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-81-908070-1-2
978-81-908070-1-2